# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୨୦ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷିକାର୍ଯ୍ୟ କରିବା ପାଇଁ ପରାମର୍ଶ ।**

- ବର୍ତ୍ତମାନ ସମୟରେ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ଏବଂ ଗନ୍ଧି ପୋକ ଧାନ ଫସଲରେ ଲାଗିପାରନ୍ତି । ସେମାନଙ୍କର ଆର୍ଥିକ ଦେହଳୀ ସୀମା ହେଲା :
    - ବର୍ଗମିଟର ପ୍ରତି ଗୋଟିଏ ଅଣ୍ଡାପୁଞ୍ଜ କିମ୍ବା ହେକ୍ଟର ପିଛା ୮ଟି ଯୌନ ସଂବେଦନ ଶୀଳ ଯନ୍ତା ବସାନ୍ତୁ । ସେଥିରେ ଦିନକରେ ୪-୫ଟି ପୁରୁଷ ପ୍ରଜାପତି ଦେଖାଦେଲେ)
    - ପତ୍ରମୋଡା ପୋକ-ବୁଦାପ୍ରତି ୧-୨ ଟି ନଷ୍ଟ ହୋଇଥିବା ପତ୍ର
    - ବାଦାମୀ ଗୁଣ୍ଡିପୋକ-ବୁଦାପ୍ରତି ୫-୧୦ ଟି ପୋକ
    - ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫-୧୦ ଟି ପୋକ
    - କାହାଳିଆ ପୋକ-ବର୍ଗମିଟର ପ୍ରତି ଗୋଟିଏ ଶଣ୍ଡା ବା ୧୦% ଧଳା ରୁପେଲି କାଣ୍ଡ

ଅନିଷ୍ଟକାରୀ ପୋକର ସଂଖ୍ୟା ଆର୍ଥିକ ଦେହଳୀ ସୀମାରୁ ଅଧିକ ହେବାମାତ୍ରେ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ ।

- ହଳଦିଆ କାଣ୍ଡବିନ୍ଧା ପୋକ କିମ୍ବା ପତ୍ରମୋଡା ପୋକ ନିୟନ୍ତ୍ରଣ ପାଇଁ ଏକର ପିଛା ଟ୍ରାଇକୋଗାମା ଜାପୋନିକମ୍/ଟ୍ରାଇକୋଗାମା ଚିଲୋନିସ୍ ପରାଶ୍ରୟୀ କୀଟର ୨୦,୦୦୦ ଅଣ୍ଡା ସପ୍ତାହ ଅନ୍ତରରେ ୪-୫ ଥର ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୦.୪ ଜି.ଆର ୪ କି.ଗ୍ରା. କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ମାଟିଆ ଗୁଣ୍ଡିପୋକ (ଚକଡାପୋକ) / ଧଳା ପତ୍ରଡିଆଁ ପୋକ ଦାଉରୁ ରକ୍ଷା କରିବା ପାଇଁ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି ପର୍ଯ୍ୟାୟକ୍ରମେ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ ଏସ୍.ସି ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍. ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ଯଦି ବଙ୍ଗାପୋକ ଦେଖାଯାଏ ତେବେ ଏକର ପ୍ରତି ଥାଇମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରୟୋଗ କରନ୍ତୁ ।

- ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାଇମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯଦି ହୋର୍ଲ ମ୍ୟାଗଟ୍ ଦେଖାଯାଏ ତେବେ ଏକର ପିଛା କ୍ଲୋରୋପାଇରିଫସ୍ ୨୦% ଇ.ସି. ୫୦୦ ମି.ଲି. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୪୦୦ ମି.ଲି. କିମ୍ବା ଥାଇମିଥୋକ୍ସାମ୍ ୨୫ % ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

ବର୍ତ୍ତମାନର ପାଣିପାଗରେ ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର । ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ :

- ପତ୍ରପୋଡା/ପତ୍ରଗାର ପୋଡା ରୋଗ ଦମନ ପାଇଁ ୨୦୦ ଲିଟର ପାଣିରେ ୨୦୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୩୦ ଗ୍ରାମ୍ ସହିତ କପର ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ କିମ୍ବା କସୁଗାମାଇସିନ୍ ୬୦୦ ମି.ଲି. ସହିତ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୩୦ ଗ୍ରାମ୍ କିମ୍ବା ବ୍ୟାକ୍ଟେରିନାଶକ ୪୦ ଗ୍ରାମ୍ ୨୦୦ ଲିଟର ପାଣରେ ମିଶାଇ ସିଞ୍ଚନ କରନ୍ତୁ ।

- ମହିଷା ରୋଗ ଦମନ ପାଇଁ ୨୦୦ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା ଏକର ପିଛା ଆଇସୋପ୍ରୋଥିୟୋଲେନ୍ (ଫୁଜିୟୋନ୍ ୪୦ ଇ.ସି. ୩୦୦ ମି.ଲି) କିମ୍ବା ଅରିୟୋଫୁନ୍‌ଜିନ୍ ସଲ୍ ୨୫ ଗ୍ରାମ୍ ପ୍ରୟୋଗ କରନ୍ତୁ । ଏହାର ବଦଳଭାବେ ୨୫ ଗ୍ରାମ୍ ବେଲପତ୍ରରୁ ପ୍ରସ୍ତୁତ ରସ କିମ୍ବା ତୁଳସୀ ପତ୍ର ରସ କିମ୍ବା ୨୦୦ ଗ୍ରାମ୍ ନିମ୍ବ ପତ୍ର ରସ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।

- ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ପ୍ରୋପିକୋନାଜଲ୍ ୨୫% (ଟିଲ୍ଟ) ୧ ଲିଟର ପାଣିରେ କିମ୍ବା ରାଇଜୋସିନ୍ ୩ ଏଲ୍ କିମ୍ବା ସିଥ୍ମାର୍ ୩ ଏଲ୍ ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ । କିମ୍ବା ଟେବୁକୋନାଜୋଲ ୫୦% + ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କଣ୍ଟାଫ୍ ୫ ଇ.ସି. (ହେକ୍ସାକୋନାଜଲ୍ ୫ଇ.ସି. ୨ ମି.ଲି.) କିମ୍ବା ଥିଫ୍ଲୁଜାମିଡ୍ ୨୪ ଏସ୍.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ । ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ "ରାଇସ୍ ଏକ୍ସପର୍ଟ ମୋବାଇଲ ଆପ୍" (Rice Expert), ଯାହାକି Google Play Store ରେ ଓଡିଆ ଓ ଇଂରାଜୀ ଭାଷାରେ ଉପଲବ୍ଧ ବ୍ୟବହାର କରନ୍ତୁ ।

******